**ଖଳାରେ ଜଳିଗଲା ୫ ଚାଷୀଙ୍କ ଧାନ**

ନନ୍ଦାହାଣ୍ଡି,(ଡି.ଏନ୍.ଏ.)- ବର୍ଷସାରା ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷ କରିଥିଲେ। ହେଲେ ବର୍ଷକର ଧାନ ପୋଡ଼ି ପାଉଁଶ ହୋଇଛି। ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ଗ୍ରାମରେ ୫ ଚାଷୀଙ୍କ ଧାନ ଖଳାରେ ଗଦା ହୋଇଥିବାବେଳେ ନିଆଁ ଲାଗି ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ଗାଁର ଚାଷୀ ହରି ଧାକଡ଼, ଘନ ସଉରା, ଅଲେଖି ବିଶୋୟୀ, ଧନୁର୍ଜୟ ଧାକଡ଼ ଓ ଗୁରୁବନ୍ଧୁ ଗୌଡ଼ ନିଜ ଜମିରୁ ଧାନ କାଟି ଖଳାରେ ଗଦାଇଥିଲେ। ମଙ୍ଗଳବାର ରାତିରେ ଧାନ ଗଦାରେ ହଠାତ୍ ନିଆଁ ଲାଗିଯାଇଥିଲା। ଏ ବିଷୟରେ ଜାଣିବା ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ନବରଙ୍ଗପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୫ ଚାଷୀଙ୍କ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଏକର ଜମିର ଧାନ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

# ନବରଙ୍ଗପୁରରେ ୧୯,୭୪୮ ନୂତନ ଭୋଟର

**ନୂତନ ସଂଶୋଧିତ ଭୋଟର ତାଲିକା ପ୍ରକାଶ**

ନବରଙ୍ଗପୁର,୫।୧ (ବି.ପ୍ର.)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେଟ୍ଟା ସଭାଗୃହରେ ବୁଧବାର ଜିଲାପାଳ ଡ. କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କ ଉପସ୍ଥିତିରେ ନୂତନ ଭୋଟର ସଂଶୋଧନ ତାଲିକା ପ୍ରକାଶ କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଓ ନିୟମକୁ ଭିତ୍ତିକରି ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି । ଏହି ତାଲିକା ଅନୁସାରେ ଜିଲାରେ ମୋଟ ୮ଲକ୍ଷ ୫୨ହଜାର ୯୯୬ ଜଣ ଭୋଟର ଅଛନ୍ତି। ଡିସେମ୍ବର ୨୦୨୧ରେ ପ୍ରକାଶିତ ଭୋଟର ତାଲିକାରେ ଜିଲାରେ ୮, ୩୩, ୨୪୮ ଜଣ ଥିଲେ। ବର୍ତ୍ତମାନ ୧୯, ୭୪୮ଜଣ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ କରାଯାଇଛି। ଏହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅନ୍‌ଲାଇନରେ କରାଯାଇଛି। ତ୍ରୁଟି ଓ ବିଚ୍ୟୁତି ଏଡ଼ାଇବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସହ ଅଫ୍‌ଲାଇନରେ ଆସିଥିବା ଆବେଦନଗୁଡ଼ିକୁ ମଧ୍ୟ ଅନ୍‌ଲାଇନରେ ପରିବର୍ତ୍ତନ କରାଯାଇଥିବା ଜିଲାପାଳ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଜିଲାପାଳ ଭୋଟର ତାଲିକା ହସ୍ତାନ୍ତର କରିଥିଲେ। ଉମରକୋଟ ନିର୍ବାଚନ ମଣ୍ଡଳୀ ୧,୩୩, ୧୯୨ ଜଣ ଭୋଟର ଥିବାବେଳେ ନୂତନ ଭାବେ ୪,୪୮ ଜଣ ଭୋଟର ସାମିଲ ହୋଇଛନ୍ତି। ସେହିପରି ଝରିଗାଁ ନିର୍ବାଚନ ମଣ୍ଡଳୀରେ ୨, ୧୧, ୫୨୧ ଜଣ ଭୋଟରଙ୍କ ନାମ ଥିବା ବେଳେ ନୂତନ ଭାବେ ୪,୪୧୨ ଜଣ ଭୋଟର ସାମିଲ ହୋଇଛି । ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୨, ୨୯, ୬୬୭ ଜଣ ଭୋଟରଙ୍କ ନାମ ତାଲିକାରେ ଥିବା ବେଳେ ନୂତନ ଭାବେ ୫,୬୧୬ ଜଣ ଭୋଟରଙ୍କ ନାମ ସାମିଲ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପନିର୍ବାଚନ ଅଧିକାରୀ ଚଇନୁ ଗଣ୍ଡଙ୍କ ସମେତ ରାଜନୈତିକ ଦଳର ପ୍ରତିନିଧି ପ୍ରଦୀପ ସାହୁ, ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ, ଅନ୍ୟ ଅଧିକାରୀ ଓ ରାଜନୈତିକ ଦଳର ନେତାମାନେ।

## ସଂକ୍ଷେପରେ

### ସମେଟିଭ୍ ପରୀକ୍ଷା: ଅନେକ ଛାତ୍ରୀଛାତ୍ର ଅନୁପସ୍ଥିତ

ଅମ୍ବାଦଳା/ଚନ୍ଦ୍ରପୁର,୫।୧(ଡି.ଏନ୍.ଏ.)-ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ବୁଧବାରଠାରୁ ମାଟ୍ରିକ୍ ସମେଟିଭ୍ ଆସେସ୍‌ମେଣ୍ଟ ପରୀକ୍ଷା-୧ ଆରମ୍ଭ ହୋଇଛି। ରାୟଗଡ଼ା ଜିଲା ଅମ୍ବାଦଳା ସରକାରୀ ହାଇସ୍କୁଲରେ କେନ୍ଦ୍ରରେ ପ୍ରଥମ ଦିନ ଇଚ୍ଛାପୁର, ରାଣିପିଣ୍ଡା, ରଘୁବାରି, ଡିମିରିଗୁଡ଼ା, ସିବପଦର ଓ ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ମୋଟ ୧୮୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭୩ ଜଣ ପରୀକ୍ଷା ଦେଇଥିଲେ। ପ୍ରଧାନ ଶିକ୍ଷକ ମୁଖ୍ୟ ପରିଚାଳକ ଥିବାବେଳେ ସହକାରୀ ଶିକ୍ଷକ କାମେଶ୍ୱର କରକରିଆ ସହ ପରିଚାଳକ ଦାୟିତ୍ୱରେ ରହିଛନ୍ତି। ସେହିପରି ଚନ୍ଦ୍ରପୁର ବ୍ଲକ ସଦରସ୍ଥିତ ନୋଡାଲ ହାଇସ୍କୁଲରେ ୧୪୧, ସରକାରୀ ବାଳିକା ବିଦ୍ୟାଳୟରେ ୨୦୦, ଡାଙ୍ଗସୋରଡ଼ା ମଙ୍ଗଳ ବିଭାଗ ସରକାରୀ ସ୍କୁଲରେ ୧୨୭ ମାଟ୍ରିକ୍ ଛାତ୍ରୀଛାତ୍ର ସମେଟିଭ୍ ପରୀକ୍ଷା ଦେଇଛନ୍ତି। ଚନ୍ଦ୍ରପୁର ତହସିଲଦାର ଶାନ୍ତିଶୃଙ୍ଖଳାରେ ପରୀକ୍ଷା ପରିଚଳନା ନେଇ ତଦାରଖ କରୁଛନ୍ତି।

### ପ୍ରହ୍ଲାଦ ନାଟକ ଗୁରୁ ପ୍ରସନ୍ନଙ୍କ ପରଲୋକ

ପଦ୍ମପୁର,୫।୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳର ଲୋକପ୍ରିୟ କଳାକାର ତଥା ହାସ୍ୟାଭିନେତା, ପୌରାଣିକ ନାଟକ ପ୍ରହ୍ଲାଦର ଆଞ୍ଚଳିକ ଗୁରୁ ପ୍ରସନ୍ନ ବେହେରା(୫୧)ଙ୍କ ମଙ୍ଗଳବାର ବ୍ରହ୍ମପୁରରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଅକାଳ ବିୟୋଗରେ ପଦ୍ମପୁର ଏବଂ ଜିଲାର କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପ୍ରସନ୍ନ ପରିବାର ସହ ପଦ୍ମପୁର ନିକଟ ଖମାପଦର ଗ୍ରାମରେ ରହି ଆସୁଥିଲେ। ପ୍ରସନ୍ନ ସ୍କୁଲରେ ପଢ଼ିବା ସମୟରୁ ବିଭିନ୍ନ ଯାତ୍ରା, ଉତ୍ସବରେ କଳା କ୍ଷେତ୍ରରେ ଥିବା ନିଜ ପ୍ରତିଭା ଦେଖାଇଥିଲେ। ଏହା ବ୍ୟତୀତ ଅନେକ ପିଲାଙ୍କୁ ମୃଦଙ୍ଗ ଶିକ୍ଷା ମଧ୍ୟ ଦେଇଥିଲେ। ତେବେ ଜଣେ ଭଲ କଳାକାର ହୋଇଥିଲେ ମଧ୍ୟ ପ୍ରସନ୍ନ ବଣମଲ୍ଲୀ ସଦୃଶ ବଣରେ ଫୁଟି ବଣରେ ମଉଳିଯାଇଛନ୍ତି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଓ କଳାକାରମାନେ ପ୍ରକାଶ କରିଛନ୍ତି।



### ଅଟୋ ଓଲଟି ଗର୍ଭବତୀ ଗୁରୁତର

ଡାବୁଗାଁ, ୫।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଦଶମୁଣ୍ଡିଆ ମନ୍ଦିର ସମ୍ମୁଖ ବୁଲାଣିରେ ଅଟୋ ଓଲଟି ୩ ଆହତ ଓ ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଝରିଗାଁ ବ୍ଲକ ଡଙ୍ଗରୀଗୁଡ଼ା ଗ୍ରାମର ଗୁରୁବାରୁ ପନକା (୨୦), ସୋମନାଥ ପନକା (୩୬), ତୁଳାରାମ ପନକା (୪୮), ଚମ୍ପା ପନକା (୧୯) ଓ ପାର୍ବତୀ ପନକା (୩୫)। ଚମ୍ପା ଓ ପାର୍ବତୀ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚମ୍ପା ଗର୍ଭବତୀ ଥିବା ଜଣାପଡ଼ିଛି। ଆହତ ଓ ଗୁରୁତରମାନେ ଦିବ୍ୟାଙ୍ଗ ପ୍ରମାଣପତ୍ର ଆବେଦନ କରିବାକୁ ଡଙ୍ଗରିଗୁଡ଼ାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଫେରିବାବେଳେ ସେମାନଙ୍କ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ଆସୁଥିବା ଖବରଦାତା ସୁଶାନ୍ତ କୁମାର ପଣ୍ଡା ଓ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

### ଗହଳି ସ୍ଥାନରେ ସଚେତନ କରୁଛି ପୋଲିସ, ପ୍ରଶାସନ

ନବରଙ୍ଗପୁର, ୫।୧(ବି.ପ୍ର.)- କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ଜିଲା ପ୍ରଶାସନ ଓ ପୋଲିସ ଲୋକମାନଙ୍କୁ ସଚେତନ କରୁଛି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଦୋକାନୀମାନେ କୋଭିଡ୍ ଗାଇଡ୍‌ଲାଇନକୁ ଯେପରି ପାଳନ କରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ତହସିଲଦାର ରବୀନ୍ଦ୍ର ରାଉତ ଓ ଥାନାର ଅନ୍ୟ କର୍ମଚାରୀମାନେ ବିଭିନ୍ନ ଛକ ଓ ଗହଳି ସ୍ଥାନରେ ଲୋକଙ୍କୁ ସଚେତନ କରାଉଥିବା ଦେଖାଦେଇଛି।

### କୋଭିଡ୍ ମେଡିକାଲ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି

ନବରଙ୍ଗପୁର, ୫।୧(ବି.ପ୍ର.)- କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର କୋଭିଡ୍ ମେଡିକାଲର ସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲାପାଳ କମଳ ଲୋଚନ ମିଶ୍ର ଓ ଏସ୍‌ପି ପି.ଏସ୍ ପରଷୋତ୍ତମ ଦାସ। ମେଡିକାଲକୁ କାର୍ଯ୍ୟକ୍ଷମ କରିବାକୁ ସିଡିଏମ୍‌ଓ କାଳୀପ୍ରସାଦ ବେହେରାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୩ ଦିନରେ ନବରଙ୍ଗପୁର ଜିଲାରେ ମୋଟ ୩୧ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ବୁଧବାର ଜିଲାରୁ ୧୩ ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ସତର୍କ ରହିବାକୁ ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। କୋଭିଡ୍ ମେଡିକାଲସ୍ଥିତି ଅନୁଧ୍ୟାନବେଳେ ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଏବଂ ମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ ତାଲିମ ପରାମର୍ଶ

**ସ୍ୱତନ୍ତ୍ର ବିଦ୍ୟାଳୟରେ ଭିନ୍ନକ୍ଷମ କମିଶନର**

କୋଲନରା,୫।୧(ଡି.ଏନ୍.ଏ.)

ରାଜ୍ୟ ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ ରାୟଗଡ଼ା ଜିଲା କୋଲନରା ବ୍ଲକ ସଦର ସ୍ଥିତ ଜ୍ଞାନ ବର୍ଦ୍ଧନୀ ସତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମାନଙ୍କ ସହ କିଛି ସମୟ ଆଲୋଚନା କରିବା ପରେ ଫିଜିଓଥେରାପି କେନ୍ଦ୍ର ଓ ଭୋକେଶନାଲ ତାଲିମ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ଅଧିକ ସଂଖ୍ୟକ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରିବାକୁ କମିଶନର ପରାମର୍ଶ ଦେବା ସହ ଅନ୍ୟ ଆନୁଷାଙ୍ଗିକ ବ୍ୟବସ୍ଥା ଉପରେ ନଜର ରଖିବାକୁ କହିଥିଲେ। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଥିଲେ। କମିଶନରଙ୍କ ସହ ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସାଧାରଣ ସମ୍ପାଦକ ଅମରେନ୍ଦ୍ର ନାଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟୋରିଆ କୁଲ୍ଲୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାକର ଶବର, ପିଏ ପଦ୍ମଚରଣ ପାଢ଼ୀ, ବେସରକାରୀ ସଂସ୍ଥା ସ୍ପର୍ଶ ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ଧଳ, ପ୍ରୋଗ୍ରାମ ଅଫିସର କାମିନୀ ସିଂ ଉପସ୍ଥିତ ଥିଲେ।


ଜ୍ଞାନବର୍ଦ୍ଧନୀ ବିଦ୍ୟାଳୟରେ ଭିନ୍ନକ୍ଷମ କମିଶନର ଓ ଅନ୍ୟମାନେ।

## ୧୬,୨୩୩ ଦେଲେ ମାଟ୍ରିକ ସମେଟିଭ-୧ ପରୀକ୍ଷା

ନବରଙ୍ଗପୁର/ଝରିଗାଁ/ ପାପଡ଼ାହାଣ୍ଡି, ୫।୧ (ବି.ପ୍ର./ସ୍ୱ.ପ୍ର. /ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ ୯୩ଟି ପରୀକ୍ଷା କେନ୍ଦ୍ରରେ ବୁଧବାରରୁ ଆରମ୍ଭ ହୋଇଛି ମାଟ୍ରିକ ସମେଟିଭ (SA-୧) ପରୀକ୍ଷା। ଜିଲାର ୧୬,୨୩୩ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସକାଳ ୯ଟାରୁ ଦଶମ ଶ୍ରେଣୀ ପିଲାମାନେ ପରୀକ୍ଷା କେନ୍ଦ୍ରରେ ଆସି ପହଞ୍ଚିଥିଲେ। ପରୀକ୍ଷା କେନ୍ଦ୍ରର ପ୍ରବେଶ ପଥରେ ନିୟୋଜିତ ଶିକ୍ଷକମାନେ ଆଡ୍‌ମିଟ୍ କାର୍ଡ ଯାଞ୍ଚ କରିବା ପରେ କୋଭିଡ୍ ଗାଇଡ୍‌ଲାଇନ ମୁତାବକ ସମସ୍ତ ପିଲାଙ୍କ ତାପମାତ୍ରା ଯାଞ୍ଚ କରାଯିବା ସହ ହାତ ସାନିଟାଇଜ କରାଯାଇଛି। ପରେ ପିଲାଙ୍କୁ ସେମାନଙ୍କ ପରୀକ୍ଷା ରୁମ୍‌କୁ ଛଡ଼ାଯାଇଥିଲା। ପରୀକ୍ଷା ପାଇଁ ୯ଟି ନୋଡାଲ ସେଣ୍ଟର ଓ ୩୦ ଟି ଡେସ୍ପାଚ ସେଣ୍ଟର କରାଯାଇଛି। ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟ ଯାଞ୍ଚ ପାଇଁ ସ୍କ୍ୱାଡ ଗଠନ କରାଯାଇ ଯାଞ୍ଚ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଜିଲାରେ କୋଭିଡ୍ ଗାଇଡ୍‌ଲାଇନ ମୁତାବକ ସମସ୍ତ କେନ୍ଦ୍ରକୁ ବିଶୋଧନ କରାଯାଇଛି। କରୋନା ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଡିଇଓ ପ୍ରଦୀପ ନାଗ ସୂଚନା ଦେଇଛନ୍ତି। ଝରିଗାଁ ବ୍ଲକର ୧୧ଟି କେନ୍ଦ୍ରରେ ୧୬୮୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୫ରୁ ୮ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ପ୍ରଥମ ୩ ଦିନ ଦୁଇଟି ସିଟିଂରେ ଥିଓରି ପରୀକ୍ଷା ଓ ଶେଷ ଦିନ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମ ଦିନ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଇଛି। କପି ରୋକିବା ପାଇଁ ପରୀକ୍ଷା କେନ୍ଦ୍ରର ମୁଖ୍ୟ ଫାଟକରେ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରାଯାଉଥିବା ଦେଖିବାକୁ ମିଳିଛି। ପାପଡ଼ାହାଣ୍ଡି ବ୍ଲକର ୧୧ଟି କେନ୍ଦ୍ରରେ ୧୫୯୨ ଜଣ ପରୀକ୍ଷା ଦେଇଛନ୍ତି। ବିଇଓ ବୀରେନ୍ଦ୍ର ପାଢ଼ୀଙ୍କ ଉପସ୍ଥିତିରେ କୋଭିଡ୍ କଟକଣା ମଧ୍ୟରେ ପରୀକ୍ଷା କରାଯାଇଛି। ପିଲାମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା।

## କାଶୀପୁରରେ ଡିଗ୍ରୀ କଲେଜ ଦାବି

**କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଭାଜପା**

ରାୟଗଡ଼ା ଅଫିସ,୫।୧

କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ରାୟଗଡ଼ା ଗସ୍ତବେଳେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ଶ୍ୟାମ କୁମାର ଦାଶ କାଶୀପୁର ବ୍ଲକ ପାଇଁ ଡିଗ୍ରୀ କଲେଜ, ବିଷମକଟକର ମାଁ ମାର୍କାମା କଲେଜ ପାଇଁ ଏକ ବାଳିକା ହଷ୍ଟେଲ, ଗୁଣପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ମୌଳିକ ସୁବିଧା ଏବଂ କଲେଜର ଉନ୍ନତି, ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ବାରମ୍ବାର ଜାତିଗତ ପ୍ରମାଣ ନ ମାଗିବା ନିମନ୍ତେ ଦାବି ରଖିଛନ୍ତି। ଦାବିପତ୍ର ପ୍ରଦାନବେଳେ ଜିଲା ଯୁବମୋର୍ଚ୍ଚାର ଅମର ସାହୁ, କୃଷ୍ଣଚନ୍ଦ୍ର ଗୌଡ଼, ବିଜୟ କୁମାର ବିଡିକା, ଅଜୟ କୁମାର ଚୁଲେଟ, ମହେଶ୍ୱର ମନ୍ତ୍ରୀ, ଦେବରାଜ ଶବର, ଗୌତମ ଉଲ୍ଲାକା, ସୁମନ ସାହୁକାର ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମାଟ୍ରିକ୍ ପିଲାଙ୍କ ପାଇଁ ବସ୍ ଭଡ଼ା କଲେ ହର

ଟିକିରି,୫।୧(ଡି.ଏନ୍.ଏ.)

ମାଟ୍ରିକ୍ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। ପିଲାମାନେ ସୁବିଧାରେ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳର ସାମାଜିକ କର୍ମୀ ହରପ୍ରସାଦ ନାୟକ ସହଯୋଗର ହାତ ବଢ଼ାଇଛନ୍ତି। ନିଜେ ପିଲାଙ୍କ ପାଇଁ ବସ୍ ଭଡ଼ା କରି ପରୀକ୍ଷା କେନ୍ଦ୍ରକୁ ପଠାଇଛନ୍ତି। ଛାତ୍ରୀଛାତ୍ରମାନେ ଅନେକ ସମୟରେ ପରୀକ୍ଷା କେନ୍ଦ୍ରକୁ ଯିବାରେ ସମସ୍ୟା ଭୋଗୁଥିବାବେଳେ ଏହାକୁ ହୃଦୟଙ୍ଗମ କରି ହରପ୍ରସାଦ ଏଭଳି ପଦକ୍ଷେପ ନେଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ତାଙ୍କୁ ପ୍ରଶଂସା କରିଛନ୍ତି।



ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରାଯାଉଛି ।

## ଦୁର୍ଗମ ଅଞ୍ଚଳରେ ରୋଗୀ ସେବା

**ବିଧାୟକ ଯୋଗାଇଲେ ସ୍ୱତନ୍ତ୍ର ଆମ୍ବୁଲାନ୍ସ**

ଦଶମନ୍ତପୁର, ୫।୧ (ଡି.ଏନ.ଏ.)

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକରେ ରହିଛି ୧୬ ପଞ୍ଚାୟତ। ଏହି ଅଞ୍ଚଳ ଗମନାଗମନ ସୁବିଧା ରହିଥିଲେ ସୁଦ୍ଧା ଡିଜିଟାଲ ମୋବାଇଲ ଫୋନ ସେବାର ସୁବିଧା ନାହିଁ। ଫଳରେ ଜରୁରୀକାଳିନ ସମୟରେ ରୋଗୀ ସେବା ପାଇଁ ଯାନବାହନ ସୁବିଧା ମିଳୁନାହିଁ। ଅଧିକ ଖର୍ଚ୍ଚାନ୍ତ ହୋଇ ଲୋକେ ଅଟୋ ଗାଡ଼ି କିମ୍ବା ଅନ୍ୟ କୌଣସି ଗାଡ଼ିରେ ରୋଗୀଙ୍କୁ ଡାକ୍ତରଖାନା ନେଉଛନ୍ତି। ଏହି ଅସୁବିଧା ଦୂର ପାଇଁ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଦଶମନ୍ତପୁର ଡାକ୍ତରଖାନାକୁ ଯୋଗାଇ ଦେଇଛନ୍ତି। ଡାକ୍ତରଖାନା ପରିସରରେ ବୁଧବାର ନଡ଼ିଆ ଭାଙ୍ଗି ଏହି ସ୍ୱତନ୍ତ୍ର ଆମ୍ବୁଲାନ୍ସକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋୟୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡକ୍ଟର ଶ୍ରୀରାମ ପରିଡ଼ା, ବ୍ଲକ କାର୍ଯ୍ୟକାରିଣୀ ସଭାପତି ରଘୁପତି ବିଶୋୟୀ, ଏସିଏସଟି କାଉନସିଲର ସଦସ୍ୟ ପଦ୍ମନାଭ ଜାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବିଧାୟକ ପ୍ରଭୁ ଜାନି ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ କରୁଛନ୍ତି।

## କୋଭିଡ୍ ନିୟମ ଅନୁଯାୟୀ ଆରମ୍ଭ ହେଲା ୧୦ମ ପରୀକ୍ଷା

ଜୟପୁର/କୁନ୍ଦୁରା,୫।୧(ନି.ପ୍ର.)

କୋଭିଡ୍ ନିୟମ ଅନୁଯାୟୀ ବୁଧବାରଠାରୁ ଦଶମ ଶ୍ରେଣୀ ପାଇଁ ସମେଟିଭ-୧ ପରୀକ୍ଷା ଆରମ୍ଭ ହୋଇଛି। କୋରାପୁଟ ଜିଲାର ୭୩ଟି କେନ୍ଦ୍ରରେ ୧୭,୨୦୭ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଜୟପୁର ଉପଖଣ୍ଡର ୩୪ଟି ପରୀକ୍ଷା କେନ୍ଦ୍ରରେ ୭ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଦୁଇଟି ସିଟିଂରେ ହୋଇଥିବା ଏହି ପରୀକ୍ଷାର ପ୍ରଥମ ଦିନର ପ୍ରଥମ ସିଟିଂ ସକାଳ ୧୦ଟାରୁ ୧୧ ଟା ,ଦ୍ୱିତୀୟ ସିଟିଂ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରୁଛନ୍ତି। କେନ୍ଦ୍ର ଭିତରକୁ ପ୍ରବେଶ ପୂର୍ବରୁ ସେମାନଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି। ପରୀକ୍ଷା ଠିକ୍ ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି ବୋଲି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ପଟ୍ଟନାୟକ କହିଛନ୍ତି ।

ସେହିପରି କୁନ୍ଦୁରା ବ୍ଲକ୍‌ରେ ୬ଟି କେନ୍ଦ୍ରରେ ସମେଟିଭ ପରୀକ୍ଷା ହୋଇଛି। ୧୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୧୩୪୫ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୯୮ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ସରକାରୀ ନିୟମାନୁସାରେ ବିଦ୍ୟାଳୟଠାରୁ ୫ କି.ମି. ମଧ୍ୟରେ ରହିଥିବା ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେବା ନିୟମ ଥିବା ବେଳେ ଜିଲା ଶିକ୍ଷା ବିଭାଗର ଅବହେଳା ଯୋଗୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। କୁନ୍ଦୁରା ବ୍ଲକ୍‌ର ବାଣ୍ଡୁଆଗୁଡ଼ା ପଞ୍ଚାୟତରେ ଥିବା ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ୨୦ କି.ମି. ଦୂରରେ ଥିବା ଜୟପୁର ବ୍ଲକ୍ ବାମୁଣିପୁଟ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଥିବା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁରେନ୍ଦ୍ର ପରଜା, ଲବ ବିଶୋୟୀ,ମିଶ୍ର ହରିଜନ,ମାଧବ ପରଜା,ଘାସିରାମ ବାରିକ,ଲବି ପରଜା ପ୍ରମୁଖ କହିଛନ୍ତି।

## ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

କୁନ୍ଦୁରା,୫।୧ (ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ପଞ୍ଚାୟତ ଅନ୍ତର୍ଗତ ପ୍ରଧାନିପୁଟଠାରେ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକଙ୍କ ନେତୃତ୍ୱରେ ବୁଧବାର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ହସ୍ତତନ୍ତ, ହସ୍ତ ଶିଳ୍ପ ଏବଂ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ କୋଟପାଡ଼ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୂର୍ଯ୍ୟ ନାରାୟଣ ରଥ, ଜିଲା ବିଜେଡି ଉପସଭାପତି ସଞ୍ଜୟ ସାହୁ, ଯୁବ ବିଜେଡି ସଭାପତି ରମାକାନ୍ତ ମିଶ୍ର, କୋଟପାଡ଼ର ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଜୋନ-କ କୋର୍ଡିନେଟର ରାଧା ବିନୋଦ ସାମନ୍ତରାୟ, ଜୋନ- ଖ ଉମା ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା କନକ ଲତା ପେଣ୍ଡିଆ, ସମ୍ବାରି ଭତ୍ରା,ପୀତାମ୍ବର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୫ ଜଣ ବିଜେଡିରେ ଯୋଗ ଦେଇଥିଲେ। ଅଗାମୀ ପଞ୍ଚାୟତ ନିର୍ବାଚନପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକସ୍ତରୀୟ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡ଼ିଆ ସେଲ ସଭାପତି ବିକ୍ରମ ବେହେରା,ପ୍ରଦୀପ ନାୟକ,ବାବୁଲା ପ୍ରଧାନି ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସମସ୍ୟା ନେଇ ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଜୟପୁର, ୫।୧ (ନି.ପ୍ର.)

ସାମାଜିକ କର୍ମୀ ବି.ହରି ରାଓଙ୍କ ନେତୃତ୍ୱରେ ବୋରିଗୁମ୍ମା ବ୍ଲକର ରାଙ୍ଗିଡ଼ିପଦର ଗ୍ରାମବାସୀ ରାସ୍ତା ଓ ପାନୀୟ ଜଳ ଯୋଗାଣ ନେଇ ବୁଧବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ସେମାନେ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବୋରିଗୁମ୍ମା ବ୍ଲକର ଚମ୍ପାପଦରଠାରୁ ରାଙ୍ଗିଡ଼ିପଦର ଗ୍ରାମ ଯାଏ ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି । ଏପରିକି ଏହି ରାସ୍ତାରେ ବାଇକ୍ ଚଳାଚଳ କରିବା ମଧ୍ୟ ସମ୍ଭବ ହେଉନାହିଁ। ଗୁରୁତର ରୋଗୀଙ୍କୁ ଆଣିବାକୁ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରୁ ନାହିଁ । ଏଥିସହ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିବା ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ରାସ୍ତା ଓ ପାନୀୟ ଜଳ ସମସ୍ୟା ଦୂରକରିବା ଲାଗି ସେମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି ଦାବିପତ୍ରର ନକଲ କୋରାପୁଟ ଜିଲାପାଳ, ବୋରିଗୁମ୍ମା ବିଡିଓଙ୍କୁ ପ୍ରଦାନ କରାଯାଇଛି।


ଉପଜିଲାପାଳଙ୍କୁ ଭେଟିଥିବା ଗ୍ରାମବାସୀ।

## ପ୍ରକାଶ ପାଇଲା ୨ ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା

ଜୟପୁର, ୫।୧(ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଜୟପୁର ଓ କୋଟପାଡ୍ ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ୧।୧। ୨୦୨୨ ସୁଦ୍ଧା ୧୮ ବର୍ଷ ହୋଇଥିବା ଭୋଟରଙ୍କ ତାଲିକା ପ୍ରସ୍ତୁତ ହୋଇଛି । ଏନେଇ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ତାଲିକା ପ୍ରକାଶ କରିଛନ୍ତି । କୋଟପାଡ୍ ୧୪୨ ନିର୍ବାଚନ ମଣ୍ଡଳୀର ୨୪୩ଟି ବୁଥ୍‌ରେ ୯୭,୭୨୪ ପୁରୁଷ ଭୋଟର ଥିବା ବେଳେ ମହିଳା ଭୋଟର ୧, ୦୩ , ୭୮୩ ରହିଛନ୍ତି। ତୃତୀୟ ଲିଙ୍ଗ ୧୨ ଜଣ ଅଛନ୍ତି। ମୋଟ ୨ , ୦୧ , ୫୧୯ ଭୋଟର ଥିବା ଜଣାପଡ଼ିଛି। ସେହିପରି ଜୟପୁର ୧୪୩ ନିର୍ବାଚନ ମଣ୍ଡଳୀର ୨୩୫ ବୁଥ୍‌ରେ ୯୯,୯୬୧ ପୁରୁଷ ଭୋଟର ଥିବା ବେଳେ ମହିଳା ୧, ୦୬ ,୦୮୧ ଭୋଟର ଅଛନ୍ତି । ତୃତୀୟ ଲିଙ୍ଗ ୩୧ ଜଣ ଥିବା ଜଣାପଡ଼ିଛି। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୨ ,୦୬ , ୦୭୩ ଭୋଟର ରହିଛନ୍ତି । ଉଭୟ କୋଟପାଡ୍ ଓ ଜୟପୁର ନିର୍ବାଚନ ମଣ୍ଡଳୀରେ ୪,୭ , ୫୯୨ ଭୋଟର ରହିଛନ୍ତି । ତାଲିକା ପ୍ରକାଶ ସମୟରେ ଆସିଷ୍ଟାଣ୍ଟ କଲେକ୍ଟର ସ୍ନିଗ୍ଧାରାଣୀ ପଲେଇ, ଜ୍ୟୋତିରାଣୀ ରଥ, ଏଡିଡବ୍ଲ୍ୟୁଓ ପ୍ରଫୁଲ୍ଲ ଭୁଜବଳ, ସେକ୍ସନ ଅଫିସର କମଳାକାନ୍ତ ରଥ, ଇଲେକ୍ସନ ଆସିଷ୍ଟାଣ୍ଟ ମୁରଲୀ ପ୍ରସାଦ ମହାପାତ୍ରଙ୍କ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଚୂଡ଼ାନ୍ତ ଭୋଟର ତାଲିକାକୁ ଉପଜିଲାପାଳ ଉନ୍ମୋଚନ କରୁଛନ୍ତି ।

### ୩୨ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ଚିତ୍ରକୋଣ୍ଡା,୫।୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ପୋଲିସର ଏକ ଟିମ୍ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁଣ୍ଡାୱାଡ଼ା ପଞ୍ଚାୟତର ଗୁଣ୍ଡାୱାଡ଼ା ଏବଂ ହନ୍ତାଳଗୁଡ଼ା ଗ୍ରାମାଞ୍ଚଳରେ ଚଢ଼ାଉକରି ବେଆଇନ ଭାବେ ୩୨ ଏକର ଜମିରେ ଲଗାଯାଇଥିବା ୪୮ ହଜାର ଗଞ୍ଜେଇ ଗଛ କାଟି ପୋଡ଼ିଦେଇଛି। ଏହାର ବଜାର ମୂଲ୍ୟ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି। ଏନେଇ କେସ୍ ନମ୍ବର ୩/୨୨ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୧ରୁ ଚିତ୍ରକୋଣ୍ଡା ପୋଲିସ ଗଞ୍ଜେଇ କଟା ଅଭିଯାନ ଜାରି ରଖିଛି। ଏଯାବତ୍ ବ୍ଲକର ୬ଟି ପଞ୍ଚାୟତରେ ଗଞ୍ଜେଇ ଗଛ କଟା ଅଭିଯାନ ଶେଷ କରିଛି।

### ବୈପାରିଗୁଡ଼ା ଥାନାରେ ନୂଆ ଥାନା ଅଧିକାରୀ

ବୈପାରିଗୁଡ଼ା, ୫।୧ (ଡି.ଏନ୍.ଏ.)

ବୈପାରିଗୁଡ଼ା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଅଶ୍ୱିନ କୁମାର ପଟ୍ଟନାୟକ ଯୋଗ ଦେଇଛନ୍ତି। ମଙ୍ଗଳବାର ସେ ପୂର୍ବତନ ଥାନା ଅଧିକାରୀ ଈଶ୍ୱର ଟାଣ୍ଡିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କୁନ୍ଦୁରା ଥାନା ଦାୟିତ୍ୱରେ ଥିଲେ। ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା କଡାକଡିଉପରେ ସେ ପ୍ରାଧାନ୍ୟ ଦେବେ ବୋଲି ସେ କହିଛନ୍ତି।


ଅଶ୍ୱିନ ପଟ୍ଟନାୟକ

### ସରକାରଙ୍କ ଅପାରଗତା ବିରୋଧରେ ସିପିଆଇର ବିକ୍ଷୋଭ

ଜୟପୁର,୫।୧(ନି.ପ୍ର.)

ବାମୁଣୀ ଗାଁରେ ସ୍ୱାମୀ ଓ ପୁଅ ସମ୍ମୁଖରେ ହୋଇଥିବା ଗଣବଳାତ୍କାର ଓ ବୋରିଗୁମ୍ମାରେ ହୋଇଥିବା ଗଣବଳାତ୍କାର ଓ ହତ୍ୟାକାଣ୍ଡ ବିରୋଧରେ ବୁଧବାର ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଓ ପୀଡ଼ିତା ପରିବାରଙ୍କୁ ସହାୟତା ଯୋଗାଇବାକୁ ଦଳ ଦାବି କରିଛି । ରାଜ୍ୟ ସରକାରଙ୍କ ଅପାରଗତା, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଦୋଷୀମାନଙ୍କ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର କରି ଦଣ୍ଡ ଦେଲେ ଏଭଳି ଅପରାଧୀଙ୍କ ଜବତ କରିହେବ ବୋଲି ସିପିଆଇ ପ୍ରକାଶ କରିଛି। ଜୟପୁର ଏନ୍‌ଏଚ୍- ୨୬ସ୍ଥିତ ଶ୍ରମିକ ଭବନରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ମହାନ୍ତି, ଉତ୍ତମ ମଲ୍ଲିକ, ରାମକୃଷ୍ଣ ଦାସ,ନନ୍ଦ ହରିଜନ,ତ୍ରିପତି ସଗରିଆ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ମାଓବାଦୀ ମୀନ ନିର୍ଦ୍ଦୋଷରେ ଖଲାସ

କୋରାପୁଟ,୫।୧(ସ୍ୱ.ପ୍ର.)

କୋରାପୁଟ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ମଙ୍ଗଳବାର ଜଣେ ମାଓବାଦୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲା ଦୌରାଜଜ୍ ମହଲତ ଶା ମାମଲାର ବିଚାର କରି ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ଏପରି ରାୟ ଶୁଣାଣି କରିଛନ୍ତି। ଖଲାସ ହୋଇଥିବା ଅଭିଯୁକ୍ତ ହେଲେ ନାରାୟଣପାଟଣା ଥାନା ଅନ୍ତର୍ଗତ ଡୁମୁସିଲଗ୍ରାମର ମିନ ହିକକା । ମାମଲାର ବିବରଣୀରୁ ପ୍ରକାଶ ୨୦୧୧ ଅକ୍ଟୋବର ୨୯ରେ ନାରାୟଣପାଟଣା ଥାନା ଅନ୍ତର୍ଗତ ଡୁମୁସିଲ ଗ୍ରାମ ନିକଟରେ ମାଓବାଦୀ ନେତ୍ରୀ ସରିତାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ମୁଳିଆ ଆଦିବାସୀ ସଂଘ ସଦସ୍ୟ ଏବଂ ମାଓବାଦୀ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ସଭା କରୁଥିଲେ । ଖବର ପାଇ ନାରାୟଣପାଟଣା ପୋଲିସ ଘଟଣା ସ୍ଥଳରେ ଚଢ଼ାଉ କରିଥିଲେ । ପୋଲିସକୁ ଦେଖି ସଂଘ ସଦସ୍ୟ ଓ ମାଓବାଦୀ ନେତାମାନେ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ତେବେ ଏହି ସମୟରେ ପୋଲିସ ଟିମ ଗୋଡାଇ ଗୋଡାଇ ଜଣଙ୍କୁ ଗିରଫ କରିଥିଲେ । ଘଟଣାସ୍ଥଳରୁ ୨ଟି ଦେଶୀ ବନ୍ଧୁକ ଓ କିଟ ବ୍ୟାଗ ଜବତ ହୋଇଥିଲା। ନାରାୟଣପାଟଣା ଥାନା ଏସଆଇ ଚନ୍ଦ୍ରସେଣ ପୁଜାରିଙ୍କ ଏତଲାକ୍ରମେ ଥାନାରେ ୩୯/୨୦୧୧ରେ ଏକ ମାମଲା ରୁଜୁ ହୋଇଥିଲା। ୨୦୧୪ରୁ ଏହି ମାମଲା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ଅଭିଯୁକ୍ତ ମିନ ଅନ୍ୟ ଏକ ମାମଲାରେ ବିଚାରାଧୀନ ବନ୍ଦୀ ଥିବାରୁ ଜେଲରୁ ମୁକୁଳି ପାରି ନ ଥିବା ଜଣାଯାଇଛି । ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ମନରଞ୍ଜନ ରାଉତରାୟ, କମଳ ଖରା ଓ ବିମ୍ବରାଜ ବେହେରା ମାମଲାର ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜିମୁତ ବାହାନ ସୁନାନି ପରିଚାଳନା କରୁଥିଲେ ।

